## କୁସୁଗଡ଼ ଫାଣ୍ଡିରେ ନୂଆ ଏଏସ୍ଆଇ

ରାଇବଣିଆ,(ନବୀନ ସାହୁ)-ଜଳେଶର ବ୍ଲକ ରାଇବଣିଆ ଥାନା ଅଧୀନରେ ଥିବା କୁଶୁଗଡ ଫାଣ୍ଡିରେ ନୂତନ ଏଏସ୍ଆଇ ଭାବେ ରାମେଶ୍ୱର ସୋରେନ ଯୋଗ ଦେଇଛନ୍ତି। ଏହି ଫାଣ୍ଡିରେ ଏଏସ୍ଆଇଙ୍କ ପଦବୀ ବହୁଦିନ ଧରି ଫାଙ୍କା ପଡ଼ିଥିଲା। ଫଳରେ ଲୋକେ ବହୁତ ଅସୁବିଧାର ସମ୍ମୁଖୀନ ହେଉଥିଲେ। ସେ ଆଗରୁ ଭଦ୍ରକ ଜିଲା ଧାମନଗର ଥାନାରେ କାର୍ଯ୍ୟରତ ଥିଲେ। ଏହି ଫାଣ୍ଡି ଅଧୀନରେ ୪ ପଞ୍ଚାୟତ ରହିଛି। ଏହି ଅଞ୍ଚଳ ପାଖାପାଖି ଓଡ଼ିଶା ଓ ପଶ୍ଚିମବଙ୍ଗ ବର୍ଡର ଅଞ୍ଚଳରେ ଥିବାରୁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଫାଣ୍ଡି। ସାଧାରଣ ଲୋକ ଯେମିତି ଠିକ୍ ଭାବେ ନ୍ୟାୟ ପାଇପାରିବେ ସେ ନେଇ ଆଲୋଚନା କରିଥିଲେ।

## ସଂକ୍ଷେପରେ

### କେନ୍ଦୁଝରଗଡ଼ ରେଳ ଷ୍ଟେଶନରୁ ୪ ଶିଶୁ ଉଦ୍ଧାର

କେନ୍ଦୁଝର,୧୪।୯ (ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ରେଳବାଇ ପୋଲିସ ଗୁରୁବାର ୪ ଶିଶୁଙ୍କୁ ବଡ଼ବିଲ-ପୁରୀ ଏକ୍ସପ୍ରେସ ଟ୍ରେନ୍‌ରୁ ଉଦ୍ଧାର କରିଛି। ସେମାନଙ୍କର ବୟସ ୬ ରୁ ୧୦ ବର୍ଷ ବୟସ ବୋଲି ଜଣାପଡ଼ିଛି। ସବ ଇନ୍ସପେକ୍ଟର ବିକେ ସେଠୀ, ଏଏସ୍ଆଇ ଡ. କେ ଶବର, ଡି ମୁର୍ମୁ, ଟିକେ ମହାନ୍ତ କେନ୍ଦୁଝରଗଡ ରେଳ ଷ୍ଟେଶନରେ ଟ୍ରେନ୍‌ର ବଗି ଯାଞ୍ଚ ବେଳେ ସେମାନଙ୍କୁ ଦେଖି ସେମାନଙ୍କ ପରିଚୟ ବୁଝିଥିଲେ। ସେମାନଙ୍କର ଘର ବଲାଣି ଥାନା ଅଞ୍ଚଳରେ। ସେମାନେ ଘରୁ ଚାଲିଆସିଥିବା କହିଥିଲେ। ସମସ୍ତଙ୍କୁ କେନ୍ଦୁଝରଗଡ଼ ଷ୍ଟେସନରେ ରଖାଯାଇ ଶିଶୁ ସୁରକ୍ଷା ସମିତି ସଦସ୍ୟା ଦେବୀରାଣୀ ପାଣିଗ୍ରାହୀଙ୍କୁ ହସ୍ତାନ୍ତର କରାଯାଇଛି।

### ଶରତ ଜିଲା ଯୋଜନା କମିଟିକୁ ନିର୍ବାଚିତ

କେନ୍ଦୁଝର,୧୪।୯ (ନରେଶ ଚନ୍ଦ୍ର ପଟ୍ଟନାୟକ): ଜିଲା ଯୋଜନା କମିଟିକୁ କେନ୍ଦୁଝରଗଡ଼ ପୌରପାଳିକା ପକ୍ଷରୁ ୧ ନଂ. କାଉନ୍‌ସିଲର ଶରତ କୁମାର ସାହୁ ନିର୍ବାଚିତ ହୋଇଛନ୍ତି। ସେପ୍ଟେମ୍ବର ୨୨ରେ ନିର୍ବାଚତ ହେବାକୁ ଥିବା ବେଳେ କେହି ପ୍ରତିଦ୍ୱନ୍ଦ୍ୱୀ ନ ଥିବାରୁ



ରିଟର୍ଣିଂ ଅଫିସର ଗୁରୁବାର ବିଦ୍ଧିବଦ୍ଧ ଭାବରେ ତାଙ୍କୁ ବିଜୟୀ ଘୋଷଣା କରିବା ସହ ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ଏଭଳି ଯୋଗ୍ୟତା ସମ୍ପନ୍ନ ପଦବୀ ପାଇବା ପରେ ଶରତ ଖୁସି ବ୍ୟକ୍ତ କରିଛନ୍ତି। ଏହା ତାଙ୍କୁ ଲୋକଙ୍କ ସେବା କରିବାକୁ ବଳ ଯୋଗାଇବ ବୋଲି କହିଛନ୍ତି। ଏଥିସହ କେନ୍ଦୁଝର ଗଡ଼ ପୌରପାଳିକାର ୧୪ ନଂ. କାଉନ୍‌ସିଲର ଦମୟନ୍ତୀ ଦାସ ଜିଲା ଯୋଜନା କମିଟିକୁ ମହିଳା ସଦସ୍ୟ ଭାବେ ନିଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି।

### ମଞ୍ଚ ଅଭିନେତାଙ୍କ ବିୟୋଗରେ ଶୋକ

ତିହିଡ଼ି,୧୪।୯(ସଞ୍ଜିତ ବଳ)-ଭଦ୍ରକ ଜିଲା ବାଂଶଡ଼ା ଥାନା ଅଧୀନ ଯଶିପୁର ପଞ୍ଚାୟତ ଶୁଭଦିଆ ଗ୍ରାମର ଲୋକପ୍ରିୟ ମଞ୍ଚ ଅଭିନେତା ଅକ୍ଷୟ ବଳ(୪୮)ଙ୍କର ସୋମବାର ସଡ଼କ ଦୁର୍ଘଟଣାରେ ପରଲୋକ ହୋଇଯାଇଛି। କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବାବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ସେ ବିଭିନ୍ନ ଯାତ୍ରା ଅପେରାରେ ଅଭିନୟ କରି ବେଶ୍ ଲୋକପ୍ରିୟତା ହାସଲ କରିଥିଲେ। ଅକ୍ଷୟ ତିହିଡ଼ି କଳିଙ୍ଗ କଳାକାର ସଂଘର ସଦସ୍ୟ ଥିଲେ। ତାଙ୍କ ବିୟୋଗରେ କଳିଙ୍ଗ କଳାକାର ସଂଘ, ତଳଗୋପବିନ୍ଧାର ଐଶାନ୍ୟଚଣ୍ଡୀ ଲୋକନାଟ୍ୟ ପକ୍ଷରୁ ଶୋକ ପ୍ରକାଶ କରାଯିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଛି।

### ବ୍ଲକସ୍ତରୀୟ ବିଜ୍ଞାନ ସେମିନାର

ଚାନ୍ଦବାଲି,୧୪।୯ (ଅଶୋକ କୁମାର ପଣ୍ଡା)-ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକସ୍ତରୀୟ ବିଜ୍ଞାନ ସେମିନାର ମତୋ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସେମିନାରକୁ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଅନୀତା ମିଶ୍ର ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ମୃତ୍ତିକା ସଂରକ୍ଷଣ ବିଭାଗର ଅବସରପ୍ରାପ୍ତ ରେଞ୍ଜର ତାରାପଦ ମହାନ୍ତି, ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଗୌରହରି ନାୟକ ଓ ସୁରେନ୍ଦ୍ର କୁମାର ସାହୁ ଯୋଗଦେଇ ଚଳିତ ବର୍ଷକୁ ଅନ୍ତର୍ଜାତୀୟ ମାଣ୍ଡିଆ ବର୍ଷ ଭାବେ ମିଳିତ ଜାତିସଂଘ ପାଳନ କରୁଥିବାରୁ ଏହି ସେମିନାର ଗୁରୁତ୍ୱ ବହନ କରୁଛି ବୋଲି ମତବ୍ୟକ୍ତ କରିଥିଲେ। ବ୍ଲକ ବିଜ୍ଞାନ ସଂଯୋଜକ ଅମୂଲ୍ୟ କୁମାର ରାଉତ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। 'ମାଣ୍ଡିଆ ଏକ ପୌଷ୍ଟିକ ଖାଦ୍ୟ କିମ୍ବା ଭ୍ରାନ୍ତ ଆହାର' ଶୀର୍ଷକ ଆଧାରିତ ସେମିନାରରେ ବ୍ଲକର ବିଭିନ୍ନ ହାଇସ୍କୁଲରୁ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୌରହରି ନାୟକ ଓ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ସୁରେନ୍ଦ୍ର କୁମାର ସାହୁ ବିଚାରକ ଭାବେ ବକ୍ତୃତା ମୂଲ୍ୟାୟନ କରିଥିଲେ।

# ଯୋଡ଼ାରେ ଚିନ୍ତା ବଢ଼ାଇଲାଣି ଡେଙ୍ଗୁ

■ଜିଲାରେ ଉପଯୁକ୍ତ ଚିକିତ୍ସା ମିଳୁନି

■ରୋଗୀଙ୍କ ସଂଖ୍ୟା ସ୍ପଷ୍ଟ କରୁନି ବିଭାଗ

ଯୋଡ଼ା,୧୪।୯(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଖଣି ଅଞ୍ଚଳରେ ଡେଙ୍ଗୁ କାୟା ବିସ୍ତାର କରିଛି। ବର୍ତ୍ତମାନ ସୁଦ୍ଧା ଶତାଧିକ ଲୋକ ଆକ୍ରାନ୍ତ ହୋଇ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏପରି କି ଡେଙ୍ଗୁରେ ଜୁରୁଡ଼ି ଅଞ୍ଚଳର ଜଣକର ମୃତ୍ୟୁ ଘଟିଛି। ସ୍ୱାସ୍ଥ୍ୟ ବିଭାଗ କୌଣସି ତଥ୍ୟ ଦେଉ ନ ଥିବା ବେଳେ ଜୁରୁଡ଼ି, ବାମେବାରି, ଖଣ୍ଡବନ୍ଧ, ଜଜାଙ୍ଗ, ଗୁରୁଡୁଆଁ ପ୍ରଭୃତି ଅଞ୍ଚଳରେ ଡେଙ୍ଗୁ କାୟା ବିସ୍ତାର କରିଛି। ଅଞ୍ଚଳରେ ଡେଙ୍ଗୁର ସ୍ଥିତି ଭୟାବହ ଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ ବୋଲି ଯୋଡା ବିକାଶ ପରିଷଦ ସମ୍ପାଦକ ସୁଶାନ୍ତ କୁମାର ବାରିକ କହିଛନ୍ତି।

ବିଶେଷ ସୂତ୍ରରୁ ସୂଚନା ଅନୁଯାୟୀ, ଯୋଡ଼ା ଅଞ୍ଚଳରେ ୧୬୮ରୁ ଉର୍ଦ୍ଧ୍ୱ ଡେଙ୍ଗୁରେ ଆକ୍ରାନ୍ତ ହେଲେଣି। ସେଥି ମଧ୍ୟରୁ ୪୫ଙ୍କ ରକ୍ତରେ ପ୍ଲେଟ୍‌ଲେଟ୍ ହ୍ରାସ ସମସ୍ୟା ଦେଖାଯାଇଥିଲା। ଜିଲା ମୁଖ୍ୟ ଡାକ୍ତରଖାନାରେ ଏହା ଉପଲବ୍ଧ ହେଉ ନ ଥିବାରୁ ରୋଗୀମାନେ ବିଭିନ୍ନ ଘରୋଇ ଡାକ୍ତରଖାନା ଉପରେ ନିର୍ଭର କରି ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ଯୋଡ଼ାରେ ଥିବା ଟାଟା କମ୍ପାନୀ ଡାକ୍ତରଖାନାରେ ସର୍ବାଧିକ ସଂଖ୍ୟାରେ ଡେଙ୍ଗୁ ରୋଗୀ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ଯୋଡ଼ାରେ ଥିବା ଏକ ନର୍ସିଂହୋମକୁ ମଧ୍ୟ ଡେଙ୍ଗୁ ରୋଗୀ ବହୁ ସଂଖ୍ୟାରେ ଆସୁଥିବା ଡାକ୍ତର ଓମ୍ ପ୍ରକାଶ ମୋହତା କହିଛନ୍ତି। ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିଲେ ମଧ୍ୟ ପୌରପାଳିକା ପକ୍ଷରୁ କୌଣସି ପ୍ରତିଷେଧକମୂଳକ ବ୍ୟବସ୍ଥା କରାଯାଉ ନ ଥିବା ଯୋଡ଼ା ବିକାଶ ପରିଷଦ ସଭାପତି ନିରଞ୍ଜନ ବହିଦାର କହିଛନ୍ତି। ସ୍ଥାନୀୟ ଖଣି କମ୍ପାନୀଗୁଡ଼ିକ କେବଳ ଡେଙ୍ଗୁ ଟେଷ୍ଟ କରି ଦାୟିତ୍ୱ ସମ୍ପନ୍ନ କରି ଦେଉଛନ୍ତି। ଖଣିର ପାରିପାର୍ଶ୍ୱିକ ଅଞ୍ଚଳରେ କୌଣସି ପ୍ରକାର ପରିମଳ ବ୍ୟବସ୍ଥା କରୁନାହାନ୍ତି। ଯୋଡ଼ା ବ୍ଲକ୍ ପକ୍ଷରୁ ମଧ୍ୟ ଗ୍ରାମାଞ୍ଚଳଗୁଡ଼ିକରେ ପ୍ରତିକାର ବ୍ୟବସ୍ଥା କରାଯାଉନଥିବା ଅଭିଯୋଗ ହୋଇଛି। କେନ୍ଦୁଝର ସିଡିଏମ କିଶୋର ଚନ୍ଦ୍ର ପୃଷ୍ଟି କହିଛନ୍ତି, ଗୁରୁବାର ଯୋଡା ଗସ୍ତ କରିଥିଲେ। ଡେଙ୍ଗୁ ସମ୍ପର୍କରେ ପୌର ଅଧକ୍ଷ ଡ. ଜଗଦୀଶ ପ୍ରସାଦ ସାହୁ, ବାସୁଦେବପୁର ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଲକ୍ଷ୍ମୀକରନ୍ତ ସିଂ ଓ ମେଡିକାଲ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ଅଞ୍ଚଳରେ ପରିଚ୍ଛନ୍ନତା, ମେଡିକାଲରେ ଆବଶ୍ୟକ କିଟ୍ ଉପଲବ୍ଧ କରିବାକୁ କୁହାଯାଇଛି। ଅଞ୍ଚଳରେ ମଶାରି ବଣ୍ଟନ କରାଯିବ ବୋଲି ସେ କହିଥିଲେ। ଡାକ୍ତର ଲକ୍ଷ୍ମୀକାନ୍ତ ସିଂ କହିଛନ୍ତି, ଡେଙ୍ଗୁ ନିରାକରଣ ପାଇଁ ବିଭାଗୀୟ ପଦକ୍ଷେପ ନିଆଯାଉଛି। ଜିଲାରେ ରୋଗୀଙ୍କୁ ପ୍ଲେଟ୍‌ଲେଟ ବ୍ୟବସ୍ଥା ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କ ଅନୁମତି ଆବଶ୍ୟକ ରହିଛି। ଅନୁମତି ମିଳିଲେ ତାହା ଯୋଗାଇ ଦିଆଯାଇପାରିବ ବୋଲି କହିଥିଲେ। ଯୋଡ଼ା ବ୍ଲକ୍ ଅଧ୍ୟକ୍ଷ କବିନ୍ଦ୍ର ନାଏକ କହିଛନ୍ତି, ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବିଭିନ୍ନ ସମୟରେ ବୈଠକ କରାଯାଇ ପଦକ୍ଷେପ ନିଆଯାଉଛି। ତଥାପି ଆକ୍ରାନ୍ତଙ୍କ ସଂଖ୍ୟା କମୁନି କାହିଁକି ଜାଣିହେଉନି ବୋଲି ସେ କହିଥିଲେ।

# ମୂଲ୍ୟାୟନ ସାରି ଫେରିଗଲେ ନାକ୍ ଟିମ୍



ପ୍ରସ୍ଥାନ ସଭାରେ ନାକ୍ ପିୟର ଟିମ୍‌ର ସଦସ୍ୟଗଣ।

ବାଲେଶ୍ୱର, ୧୪।୯(ମାନସ ବିଶ୍ୱାଳ)

### ଫଳାଫଳକୁ ଅପେକ୍ଷା

ଜାତୀୟ ମୂଲ୍ୟାୟନ ଓ ଅଧିସ୍ୱୀକୃତି ପରିଷଦ (ନାକ୍ ପିୟର ଟିମ) ଗତ ସେପ୍ଟମ୍ବର ୧ରୁ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆରମ୍ଭ ହୋଇଥିବା ମୂଲ୍ୟାୟନ ଓ ଅଧିସ୍ୱୀକୃତି ପ୍ରକ୍ରିୟା ଗୁରୁବାର ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଗତ ୩ଦିନ ଧରି ଚାଲିଥିବା ପ୍ରକ୍ରିୟାରେ ପ୍ରଫେସର ବି. ପି ସଞ୍ଜୟଙ୍କ ଅଧ୍ୟକ୍ଷତାରେ ଭାରତର ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ୭ଜଣ ପ୍ରାଧ୍ୟାପକ ପରିଦର୍ଶନ ଓ ମୂଲ୍ୟାୟନ ଟିମ୍‌ର ସଦସ୍ୟ ଭାବେ ଯୋଗଦେଇଥିଲେ ।

ପ୍ରଫେସର ବି.ପି .ସଞ୍ଜୟଙ୍କ ଅଧ୍ୟକ୍ଷତାରେ ବିଶ୍ୱବିଦ୍ୟାଳୟରେ ଉନ୍ନତମାନର ଶିକ୍ଷାଦାନ ପାଇଁ ଗଢ଼ିଉଠିଥିବା ବିଭିନ୍ନ ପ୍ରକାର ସୁବିଧା ସୁଯୋଗ ପରିଦର୍ଶନ କରିବା ସହ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗ ସମ୍ବନ୍ଧରେ ଅବଗତ ହୋଇଥିଲେ। ଏଥିସହିତ ନାକ୍‌ର ୬ ଜଣିଆ ଟିମ୍ ବିଶ୍ୱବିଦ୍ୟାଳୟର କୁଳପତି, ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, କୁଳସଚିବ କୁଙ୍କୁମିନ ଦାସ, ଆଇକ୍ୟୁଏସି ନିର୍ଦ୍ଦେଶକ ପ୍ରଫେସର ସଚ୍ଚିଦାନନ୍ଦ ଦେହୁରୀ ଓ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ସବ୍ୟସାଚୀ ପଟ୍ଟନାୟକଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ଶେଷ ଦିବସରେ ନାକ୍ ସଦସ୍ୟମାନେ ବିଶ୍ୱବିଦ୍ୟାଳୟର ପୌଷ୍ୟ ଗ୍ରାମ ପରିଦର୍ଶନରେ ଯାଇ ବିଭିନ୍ନ ପ୍ରକାର ସମାଜ କଲ୍ୟାଣ କାର୍ଯ୍ୟର ସମୀକ୍ଷା କରିଥିଲେ ଓ ପୌଷ୍ୟ ଗ୍ରାମର ଗ୍ରାମବାସୀଙ୍କ ସହ ମତବିନିମୟ କରିଥିଲେ। ଶେଷ ପର୍ଯ୍ୟାୟରେ ନାକ୍ ସଦସ୍ୟମାନଙ୍କ ପାଇଁ ଏକ ପ୍ରସ୍ଥାନ ସଭା ଆୟୋଜନ କରାଯାଇଥିଲା । ସଭାରେ ନାକ୍ ପିୟର ଟିମର ଅଧ୍ୟକ୍ଷ ପ୍ରଫେସର ବି.ପି ସଞ୍ଜୟ ବିଶ୍ୱବିଦ୍ୟାଳୟ ପରିଦର୍ଶନ ଅବସରରେ ନାକ୍ ଟିମର ଅଭିଜ୍ଞତା ସଭାରେ ଜଣାଇଥିଲେ। ଏହି ମୂଲ୍ୟାୟନ ପ୍ରକ୍ରିୟାର ଫଳାଫଳ କିଛିଦିନ ପରେ ଉପଲବ୍ଧ ହେବା ନେଇ ପ୍ରକାଶ କରିଥିଲେ।

### ବ୍ଲକସ୍ତରୀୟ କଳାକାରଙ୍କ ପ୍ରଶିକ୍ଷଣ ଶିବିର

ବାହାନଗା, ୧୪।୯(ଅରୂପ୍ କୁମାର ଦାସ)

ବାହାନଗା ବ୍ଲକ ସଭାଗୃହରେ ବ୍ଲକସ୍ତରୀୟ ସଂସାଧନ ସଭ୍ୟ ବା କଳାକାର ସଦସ୍ୟମାନଙ୍କ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକର ସରକାରଙ୍କ ଦ୍ୱାରା ପଞ୍ଜୀକୃତ କଳାକାରମାନେ ଯୋଗ ଦେଇଥିଲେ। ସେମାନଙ୍କୁ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କିତ ବାର୍ତ୍ତା ଜନସାଧାରଣଙ୍କଠାରେ ଗୀତ, ନାଚ, ପାଲା, ଗାହାଣ, ଘୋଡାନାଚ ମାଧ୍ୟମରେ କିପରି ଲୋକଙ୍କୁ ସଚେତନ କରାଯିବ ସେ ବିଷୟରେ ପ୍ରଶିକ୍ଷଣ ଦିଆଯାଉଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମଧୁବାବୁ ପେନ୍‌ସନ, ମମତା, ମିଶନ ଶକ୍ତି, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରମୁଖ ୭ଟି ଯୋଜନା ବିଷୟରେ ପ୍ରତି ପଞ୍ଚାୟତରେ ଜଣାଇବା ନିମନ୍ତେ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ମୁଖ୍ୟ ଉଦ୍‌ଘାଟକ ଭାବେ ବିଡିଓ ଗୌରାଙ୍ଗ ଘୋଷ ଯୋଗ ଦେଇଥିଲେ। ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ର, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ମଧୁସୂଦନ ବିଶ୍ୱାଳ, ସାମାଜିକ ସୁରକ୍ଷା ଅଧିକାରିଣୀ ଅମ୍ବିକା ପୃଷ୍ଟି, କଳାକାର ସଂଘର ଜିଲା ଉପସଭାପତି ଗଜେନ୍ଦ୍ର ଜେନା, ବ୍ଲକ ସଭାପତି ରବୀନ୍ଦ୍ର ଧାମୁଡିଆ, ସିଡିପିଓ ପ୍ରତିସୁଧା ପାଢୀ, ବିଇଓ ସୋମାରାଣୀ ସେଠୀ ପ୍ରମୁଖ ଲୋକଙ୍କଠାରେ କିପରି ତାହା ଉପସ୍ଥାପିତ କରାଇବେ ସେ ବାବଦରେ ଜଣାଇଥିଲେ।

# କଳାବ୍ୟାଜ୍ ପିନ୍ଧିଲେ ଜେଲ କର୍ମଚାରୀ

ଭଦ୍ରକ, ୧୪।୯ (ସନାତନ ରାଉତ/ରବିନାରାୟଣ ଖିଲାର)



କଳାବ୍ୟାଜ୍ ପିନ୍ଧି କାର୍ଯ୍ୟରତ ଭଦ୍ରକ ଜେଲ କର୍ମଚାରୀ।

ଅଲ୍ ଓଡ଼ିଶା ଜେଲ କର୍ମଚାରୀ ସଂଘର ଆହ୍ୱାନକ୍ରମେ ୫ ଦଫା ଦାବି ନେଇ ଭଦ୍ରକ ଜେଲର କର୍ମଚାରୀମାନେ ବୁଧବାରଠାରୁ କଳାବ୍ୟାଜ୍ ପିନ୍ଧି କାର୍ଯ୍ୟ କରୁଛନ୍ତି। ୱାର୍ଡରମାନଙ୍କ ଗ୍ରେଡପେ ୧୯ ଶହରୁ ୨ ହଜାର ଓ ଚିଫ୍ ୱାର୍ଡରଙ୍କ ୨ ହଜାରରୁ ୨୪ଶହ ବୃଦ୍ଧି, ୨୦୧୨ ନିୟମାନୁଯାୟୀ ପୁରୁଣା ପଦୋନ୍ନତି ଲାଗୁ, ଉପଖଣ୍ଡସ୍ତରକୁ ବଦଳି ନିୟମ କୋହଳ, ଖାଦ୍ୟଭତ୍ତା ୪ ଶହରୁ ୧୪ ଶହକୁ ବୃଦ୍ଧି, ୧୩ମାସିଆ ଦରମା ବୃଦ୍ଧି ଆଦି ପ୍ରମୁଖ ଦାବି ରହିଛି। ସରକାର ସେମାନଙ୍କ ଦାବି ଶୁଣୁ ନ ଥିବାରୁ ଏଭଳି ପ୍ରତିବାଦ କରୁଛନ୍ତି। ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ସେମାନେ କଳାବ୍ୟାଜ୍ ପିନ୍ଧି କାର୍ଯ୍ୟ କରିବେ। ଏହି ସମୟ ମଧ୍ୟରେ ସରକାର ଦାବି ନ ଶୁଣିଲେ ୨୫ ତାରିଖରୁ କଳାବ୍ୟାଜ୍ ପରିଧାନ ସହ ଖାଦ୍ୟ ଗ୍ରହଣ ନ କରି ଜେଲ ସମ୍ମୁଖରେ ଆମରଣ ଅନଶନରେ ବସିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଭଦ୍ରକ ଜେଲ କର୍ମଚାରୀ ସଂଘର ସଭାପତି ରାଜେନ୍ଦ୍ର ବାରିକ, ଉପସଭାପତି ଅସିତ ମହାପାତ୍ର, ସମ୍ପାଦକ ରଞ୍ଜନ ସାହୁ, କୋଷାଧ୍ୟକ୍ଷ ଉଦୟନାଥ ମାହନ୍ତ, ଚିଫ୍ ୱାର୍ଡର ସ୍ମୃତିପ୍ରୀତମ ମହାନ୍ତି, ସୁରେନ୍ଦ୍ର ସାମଲ, ଶରତ ଘଡ଼େଇ, ମହିଳା ୱାର୍ଡର ଚଇଲି ମୁର୍ମୁଙ୍କ ସମେତ କର୍ମଚାରୀମାନେ କଳାବ୍ୟାଜ୍ ପରିଧାନ କରିଛନ୍ତି।

# ଟାଟା କମ୍ପାନୀ ପକ୍ଷରୁ ରାଜମିସ୍ତ୍ରି ମିତ୍ର କାର୍ଯ୍ୟକ୍ରମ

ଡେଙ୍କିକୋଟ୍,୧୪।୯(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଡେଙ୍କିକୋଟସ୍ଥିତ ତାରିଣୀ ଏଜେନ୍ସି ଦ୍ୱାରା ଗ୍ରାମାଞ୍ଚଳ ରାଜମିସ୍ତ୍ରି ମିତ୍ର ଲୋୟାଲିଟି ପ୍ରୋଗ୍ରାମ ହୋଟେଲ ଶାନ୍ତିଲତାଠାରେ ଅନୁଷ୍ଠିତ ହୋଇଯାଇଛି। ଏଜେନ୍ସି ମାଲିକ ଧରଣୀଧର ସାହୁଙ୍କ ତତ୍ତ୍ୱାବଧାନରେ ଟାଟା କମ୍ପାନୀର ଟେକ୍ନିକାଲ ମ୍ୟାନେଜର ପ୍ରିୟବ୍ରତ ମଲ୍ଲିକ, କେନ୍ଦୁଝର ଜିଲା ଏରିଆ ସେଲ୍ସ ଅଫିସର ଦୀପକ କୁମାର ସାହୁଙ୍କ ସମତେ ଡେଙ୍କିକୋଟ ଗ୍ରାମାଞ୍ଚଳର ୨୦ ରାଜମିସ୍ତ୍ରି ଯୋଗ ଦେଇଥିଲେ। ସମସ୍ତ ରାଜମିସ୍ତ୍ରିଙ୍କୁ କମ୍ପାନୀର ଦୁଇ ଅଧିକାରୀ ଟାଟା ଟିସ୍କନ ରଡ଼୍‌ର ଗୁଣବତ୍ତା କ୍ଷମତା, ରାଜମିସ୍ତ୍ରିମାନଙ୍କ ଲାଭଦାୟକ ବିଷୟରେ ଭିଡିଓ ପ୍ରୋଜେକ୍ଟର ମାଧ୍ୟମରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଡେଙ୍କିକୋଟ କାଶିବେଡା ଗ୍ରାମର ରାଜମିସ୍ତ୍ରି ବିଜୟ କୁମାର ପାତ୍ର, ତାଙ୍କୁ ସେଫ୍‌ଙ୍କୁ ସମ୍ମାନିତ କରାଯାଇ ଥିବାବେଳେ ଉପସ୍ଥିତ ସମସ୍ତ ରାଜମିସ୍ତ୍ରିଙ୍କୁ କମ୍ପାନୀ ପକ୍ଷରୁ ଉପହାର ଦିଆଯାଇଥିଲା।



# ସାପ କାମୁଡ଼ାରେ ଯୁବକ ମୃତ

ଭୋଗରାଇ, ୧୪।୯(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଧୀନ ଦେଉଳା ଗ୍ରାମର ନିର୍ମାଣ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ଜୟନାରାୟଣ ବେହେରାଙ୍କ ବିଷାକ୍ତ ସାପ କାମୁଡାରେ ମୃତ୍ୟୁ ହୋଇଛି। ସେ ବୁଧବାର ଦକ୍ଷିଣ ଦେଉଳା ଗ୍ରାମର ଜଣେ ବ୍ୟକ୍ତିଙ୍କ ପକ୍କା ଘର ନିର୍ମାଣ କାର୍ଯ୍ୟ କରିବାକୁ ଯାଇଥିଲେ। ସେଠାରେ କାମ ସାରି ସନ୍ଧ୍ୟାରେ ଘରକୁ ଫେରୁଥିବା ବେଳେ ଦେଉଳା ଚଢେଇଗୁଡିଆଠାରେ ତାଙ୍କ ପାଦକୁ ସାପ କାମୁଡି ଦେଇଥିଲା। ସେଠାରୁ ଅଳ୍ପ ସମୟ ମଧ୍ୟରେ ଘରେ ପହଞ୍ଚିଲା ବେଳକୁ ସେ ଅଚେତ ହୋଇପଡ଼ିଥିଲେ। ପରିବାର ଲୋକେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଡାକ୍ତରଖାନାରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଗୁରୁବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ପିଲାଙ୍କୁ ଛାଡ଼ିବାକୁ ଅଭିଭାବକ ନାରାଜ



ସଭାରେ ଉପସ୍ଥିତ ଅଭିଭାବକ।

ବାଲିଆପାଳ, ୧୪।୯(ଗୋପାଳ ଚନ୍ଦ୍ର ସାହୁ)

### ବିବାଦରେ ରସଲପୁର ୧ନମ୍ବର ଅଙ୍ଗନୱାଡି କେନ୍ଦ୍ର

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନ ବିଷ୍ଣୁପୁର ପଞ୍ଚାୟତ ରସଲପୁର ଗ୍ରାମରେ ଥିବା ୧ ନମ୍ବର ଅଙ୍ଗନୱାଡି କେନ୍ଦ୍ର ଏବେ ବିବାଦ ଘେରରେ ରହିଛି। ସାହୁ ସାହି ଓ କର ସାହି ମଝିରେ ଅଙ୍ଗନୱାଡି କେନ୍ଦ୍ର କାର୍ଯ୍ୟକ୍ଷମ ନ ହେଲେ ଅଙ୍ଗନୱାଡି କେନ୍ଦ୍ରକୁ ନିଜର ପିଲାମାନଙ୍କୁ ଛାଡ଼ିବେ ନାହିଁ ବୋଲି ମଙ୍ଗଳବାର ଜୟନ୍ତ ସାହୁଙ୍କ ଘରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅଭିଭାବକମାନେ କହିଛନ୍ତି।

ପୂର୍ବରୁ ଚାଲିଥିବା ଅଙ୍ଗନୱାଡ଼ି କେନ୍ଦ୍ରକୁ ପିଲାମାନଙ୍କୁ ଯିବା ପାଇଁ ଦୂର ହେବା ସହିତ ଯିବା ରାସ୍ତାର ଉଭୟ ପାର୍ଶ୍ୱରେ ଗଭୀର ପୋଖରୀ ରହିଛି। ଏହାଛଡା କେନ୍ଦ୍ର ଆଗରେ ଏକ ଗଭୀର ବିପଦପୂର୍ଣ୍ଣ ପୋଖରୀ ରହିଥିବାରୁ ପିଲାମାନଙ୍କ ଜୀବନ ପ୍ରତି ବିପଦ ରହିଥିବା ନେଇ ଅଭିଭାବକମାନେ ଜିଲାପାଳଙ୍କୁ ଜଣାଇଥିଲେ। ପରେ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ମହେଶ୍ୱର ଜେନା, ମାତୃ କମିଟି, ଅଭିଭାବକ କମିଟି, ଯାଞ୍ଚ କମିଟି, ୨ଟି ୱାର୍ଡର ୱାର୍ଡସଦସ୍ୟଙ୍କ ଉପସ୍ଥିତିରେ ଏକ ବୈଠକ କରାଯାଇ ଜୟନ୍ତ ସାହୁଙ୍କ ଘରେ ଭଡ଼ା ସୂତ୍ରରେ ଅଙ୍ଗନୱାଡି କେନ୍ଦ୍ର ଚାଲିବାର ସିଦ୍ଧାନ୍ତ ନିଆଯାଇଥିଲା। ହେଲେ ଅଙ୍ଗନୱାଡି କର୍ମୀ ନିଷ୍ପତ୍ତିକୁ ବେଖାତିର କରି ପୂର୍ବରୁ ଯେପରି ନିଜ ଘରେ ଅଙ୍ଗନୱାଡ଼ି କେନ୍ଦ୍ର ଚଳାଇଥିଲେ ସେହିପରି ଭାବରେ କାର୍ଯ୍ୟ କରୁଛନ୍ତି। ଏହାର ସମାଧାନ ନ ହେବା ଯାଏ ପିଲାମାନେ ଆଉ ଅଙ୍ଗନୱାଡ଼ି କେନ୍ଦ୍ରକୁ ଯିବେ ନାହିଁ ବୋଲି ଅଭିଭାବକ ରେବତୀ ସାହୁ, ରଞ୍ଜିତା ସାହୁ, କବିତା ସାହୁ, ରଶ୍ମିତା ସାହୁ, ଶୁଭଶ୍ରୀ ସାହୁ, ସଞ୍ଜୁ ବାଳା ସାହୁ, ବବିତା ସାହୁ, କବିତା ସାହୁ, ମଞ୍ଜୁରାଣୀ କର, ମମତା କର, ମମତା ସାହୁ, ଶ୍ରୀପତି ଜେନା, କୃତିବାସ ସାହୁ ପ୍ରମୁଖ ରୋକଠୋକ କହିଛନ୍ତି। ଏ ବିଷୟରେ ଅଙ୍ଗନୱାଡ଼ି କର୍ମୀ ବୈଜୟନ୍ତୀ କହିଛନ୍ତି ବିଭାଗୀୟ ଅଧିକାରୀଙ୍କ ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟ କରିବେ।

# ସହରରେ ଲାଗିବ ସିସିଟିଭି

ବାରିପଦା,୧୪।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ସହରରେ ସିସିଟିଭି କ୍ୟାମେରା ଲଗାଇବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଜିଲା ଖଣିଜ ପାଣ୍ଠିରୁ ଅନୁଦାନ ରାଶି ମଞ୍ଜୁର କରାଯାଇଛି। ଏ ସଂକ୍ରାନ୍ତରେ ମୟୂରଭଞ୍ଜ ଜିଲାପାଳ ପତ୍ର ସଂଖ୍ୟା ୧୯୮୧/୨୪।୮।୨୦୨୩ରେ ବାରିପଦା ପୌରପାଳିକାର ନଗରପାଳଙ୍କୁ ଅବଗତ କରାଇଛନ୍ତି। ଏହି ଖବର ଜଣାପଡିବା ପରେ ସହରବାସୀଙ୍କ ମଧ୍ୟରେ ଖୁସିର ବାତାବରଣ ଖେଳିଯାଇଛି।

ସୂଚନାଯୋଗ୍ୟ, କ୍ରମ ବର୍ଦ୍ଧିତ ବାରିପଦା ସହରରେ ଆଇନଶୃଙ୍ଖଳା ପରିସ୍ଥିତିକୁ ଆଖି ଆଗରେ ରଖି ସହରର ବିଭିନ୍ନ ସ୍ଥାନରେ ଅପରାଧିକ କାର୍ଯ୍ୟକଳାପ ତଥା ଅନ୍ୟାନ୍ୟ ବିଷୟରେ ଦୃଷ୍ଟି ରଖିବା ପାଇଁ ସି.ସି.ଟି.ଭିର ଗୁରୁତ୍ୱ ଆବଶ୍ୟକ ଥିଲା। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଦ୍ୱାରା ମୟୂରଭଞ୍ଜ ଜିଲାରେ ଅନୁଷ୍ଠିତ ହୋଇଥିବା ଜନଶୁଣାଣି କାର୍ଯ୍ୟକ୍ରମରେ ପୌରପାଳିକାବ ପକ୍ଷରୁ ବାରିପଦା ସହରରେ ସିସିଟିଭି ଲଗାଯିବା ସମ୍ପର୍କରେ ଲିଖିତ ଭାବେ ଅନୁରୋଧ କରାଯାଇଥିଲା । ଉକ୍ତ ଅନୁରୋଧକୁ ରକ୍ଷାକରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାରିପଦା ସହରରେ ସିସିଟିଭି ଲଗାଯିବା ପାଇଁ ଜିଲା ଖଣିଜ ପାଣ୍ଠିରୁ ଅର୍ଥରାଶି ମଞ୍ଜୁର କରିଛନ୍ତି। ଏହି ଆବଶ୍ୟକତାକୁ ମୁଖ୍ୟମନ୍ତ୍ରୀ ପୂରଣ କରିଥିବାରୁ ବାରିପଦା ସହରବାସୀଙ୍କ ତରଫରୁ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପ-ନଗରପାଳ ସୀମା ଦାସ ଏବଂ ପୌରପାଳିକାର ସମସ୍ତ କାଉନସିଲରଗଣ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହିତ ୫-ଟି ସଚିବ ଭି.କେ. ପାଣ୍ଡିଆନ ଓ ଜିଲାପାଳ ବିନୀତ ଭରଦ୍ୱାଜଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

# ୧୪୯ ବିଦ୍ୟାଳୟ ବନ୍ଦ

ଠାକୁରମୁଣ୍ଡା,୧୪।୯(ତାରାକାନ୍ତ ପଟ୍ଟନାୟକ)

ଠାକୁରମୁଣ୍ଡା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଗୁରବାରଠାରୁ ଶିକ୍ଷକମାନେ ସମୂହ ଛୁଟିରେ ରହି ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ରହିଛନ୍ତି। ଫଳରେ ବିଦ୍ୟାଳୟଗୁଡ଼ିକ ବନ୍ଦ ରହିବାରୁ ଛାତ୍ରୀଛାତ୍ର ଶିକ୍ଷାଦାନରୁ ବଞ୍ଚିତ ହୋଇଛନ୍ତି। ଶିକ୍ଷକ ସଂଘର ସମୂହ ଛୁଟି ନିଷ୍ପତ୍ତି ପରେ ପ୍ରଥମ ଦିନରେ ଠାକୁରମୁଣ୍ଡା ବ୍ଲକର ମୋଟ ୨୦୫ ପ୍ରାଥମିକ ବିଦ୍ୟାଳୟ ମଧ୍ୟରୁ ୧୪୯ ବିଦ୍ୟାଳୟ ସମ୍ପୂର୍ଣ୍ଣ ବନ୍ଦ ହୋଇଥିବା ବେଳେ ୫୬ ବିଦ୍ୟାଳୟରେ ପାଠପଢା ହୋଇଥିଲା। ବ୍ଲକର ମୋଟ ୧୫୫୯୦ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୪୦୮୭ ଜଣ ମଧ୍ୟାହ୍ନଭୋଜନ ଖାଇଥିବା ବ୍ଲକ ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାଏକ ସୂଚନା ଦେଇଛନ୍ତି।

# ୧୪୬ ଅଙ୍ଗନୱାଡି କେନ୍ଦ୍ରରେ ନାହିଁ ନିଜସ୍ୱ ଗୃହ

ଧାମନଗର,୧୪।୯ (ସନ୍ତୋଷ କୁମାର ମହାପାତ୍ର)

ଭଦ୍ରକ ଜିଲା ଧାମନଗର ବ୍ଲକରେ ୧୪୬ଟି ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ। ଘର ନ ଥିବାରୁ ପିଲାମାନେ କେଉଁଠି ବାରଣ୍ଡାରେ ତ ଆଉ କେଉଁଠି ଅଙ୍ଗନୱାଡି କର୍ମୀଙ୍କ ଘରେ ପାଠ ପଢୁଛନ୍ତି। ସେହିପରି ଆଉ କେଉଁଠି ନିକଟସ୍ଥ ବିଦ୍ୟାଳୟ ନ ହେଲେ ଗାଁରେ ଥିବା ଠାକୁର ଘର ବାରଣ୍ଡାରେ ଅଙ୍ଗନୱାଡି କେନ୍ଦ୍ର ଚାଲିଛି।

ଏହି ବ୍ଲକରେ ମୋଟ ୩୫୩ ଅଙ୍ଗନୱାଡି କେନ୍ଦ୍ର ରହିଛି। ସେଥିମଧ୍ୟରୁ ୪୦ଟି ମିନି ଅଙ୍ଗନୱାଡି କେନ୍ଦ୍ର। ୧୫୭ଟି କେନ୍ଦ୍ରର ନିଜସ୍ୱ ଗୃହ ଥିବାବେଳେ ୪୫ କେନ୍ଦ୍ରରେ ଗୃହ ନିର୍ମାଣଧୀନ ଅବସ୍ଥାରେ ଅଛି। ସେଥିମଧ୍ୟରୁ ଭଗବାନପୁର ପଞ୍ଚାୟତର ଜୟକୃଷ୍ଣପୁର, ଗୋବିନ୍ଦପୁର ପଞ୍ଚାୟତର କଷଟି, କଲ୍ୟାଣୀ ପଞ୍ଚାୟତର କଲ୍ୟାଣୀ ପାଟଣାସାହି, ଧୁଷୁରୀ ପଞ୍ଚାୟତରେ ଜଗନ୍ନାଥ ମୁସଲିମ ସାହି ଓ ସାହାସପୁରର ଛଟି ସାହିରେ ଅଙ୍ଗନୱାଡି



ଭଗବାନପୁର ପଞ୍ଚାୟତ ଜୟକୃଷ୍ଣପୁରରେ ହସ୍ତାନ୍ତର ହୋଇ ନ ଥିବା ଅଙ୍ଗନୱାଡି କେନ୍ଦ୍ର ଗୃହ।

ଘର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ଅଦ୍ୟାବଧି ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ଅଙ୍ଗନୱାଡିକୁ ହସ୍ତାନ୍ତର କରାଯାଇ ନାହିଁ। ବ୍ୟବହାର ନ ହେବା ଓ ନିମ୍ନମାନର କାର୍ଯ୍ୟ ଯୋଗୁ ଗୃହ କାନ୍ଥ ଓ ଚଟାଣ ଫାଟିବା ସହ ନଷ୍ଟ ହେବାକୁ ବସିଲାଣି। ଲୋକେ ଜାଳେଣି କାଠ ରଖିଲେଣି ତ ଆଉ କେଉଁଠି ଲୋକେ ଗୋରୁ ରଖି ଗୁହାଳ କରିଦେଲେଣି। ଆହୁରି ମଧ୍ୟ ଘର ତିଆରି କରିଥିବା ଠିକାଦାର ବିଲ୍ ସମ୍ପୂର୍ଣ୍ଣ ନ ପାଇବା ଦ୍ୱାରା ଉକ୍ତ ଘରକୁ ତାଲା ପକାଇ ରଖିଛନ୍ତି। ଅନ୍ୟ ୧୪୬ଟି ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନ ଥିବାରୁ କେନ୍ଦ୍ରକୁ ଯୋଗାଇ ଦିଆଯାଉଥିବା ଅଣ୍ଡା, ଚାଉଳ, ରାଶନ ସହ ଅନ୍ୟାନ୍ୟ ସାମଗ୍ରୀକୁ କର୍ମୀମାନେ ଏଣେତେଣେ ରଖିବା ଦ୍ୱାରା ବାଟମାରଣା ହେଉଥିବା ଲୋକେ ଅଭିଯୋଗ କରୁଛନ୍ତି।

## ଚୋରଙ୍କୁ କାବୁ କରି ପୋଲିସ ଜିମା

**ଲଙ୍ଗଳେଶ୍ୱର,(କମଳାକାନ୍ତ ଦାସ)**-ବାଲେଶ୍ୱର ଜିଲା ବାଲିଆପାଳ ଥାନା ବାଇଟିଙ୍ଗିରୀ ଗ୍ରାମରେ ଘରେ ପଶି ଚୋରି କରୁଥିବା ଜଣେ ଯୁବକଙ୍କୁ କାବୁ କରି ନିର୍ଘୁମ ଛେଚି ଲୋକେ ପୋଲିସ ଜିମା ଦେଇଛନ୍ତି। ପଶ୍ଚିମବଙ୍ଗର ହାଓ୍ୱଡା ଅଞ୍ଚଳର ୨ଜଣ ଯୁବକ ବୁଧବାର ରାତିରେ ଚୋରି କରୁଥିବା ବେଳେ ଗ୍ରାମବାସୀ ଉଠିପଡିବାରୁ ୨ଜଣ ଚୋର ଗାଡି ଛାଡି ଦୌଡି ପଳାଇବା ବେଳେ ଗ୍ରାମବାସୀ ଜଣେ ଚୋରଙ୍କୁ କାବୁ କରି ବାଲିଆପାଳ ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଯୁବକଙ୍କୁ ଅଟକ ରଖିବା ସହ ଗାଡି ଜବତ କରି ଅଧିକ ତଦନ୍ତ ଜାରି ରଖିଛି।

## ସଂକ୍ଷେପରେ

### ଖଞ୍ଜାମାହାଲ ପଥରଖାଦାନରେ ଚଢ଼ାଉ
## ପଥର ବୋଝେଇ ଡମ୍ପର, ଜେସିବି ଜବତ: ୩ ଗିରଫ

ସୋର, ୧୪।୯(ଜନ୍ମେଜୟ ମିଶ୍ର)- ବାଲେଶ୍ୱର ଜିଲା ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ବାଗୁଡ଼ି ଖଞ୍ଜାମାହାଲ ପଥର ଖାଦାନରେ ବୁଧବାର ବିଳମ୍ବିତ ରାତିରେ ଜିଲା ପ୍ରଶାସନ ତରଫରୁ ଚଢ଼ାଉ କରାଯାଇ ଗୋଟିଏ ପଥର ବୋଝେଇ ଡମ୍ପର ସହ ଜେସିବି ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ୩ଜଣଙ୍କୁ ଗିରଫ କରାଯାଇଛି।

ବାଲେଶ୍ୱର ଆସିଷ୍ଟାଣ୍ଟ କଲେକ୍ଟର ପ୍ରସନ୍ନ କୁମାର ମହାନ୍ତି ଏବଂ ସୋର ତହସିଲଦାର ବସନ୍ତ କୁମାର ସାହାଣୀ ମିଳିତ ଭାବେ ଏକ ଟିମ୍ ସହ ଖଞ୍ଜାମାହାଲ ପଥର ଖାଦାନରେ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ୧୪୪ ଧାରା ଲାଗିଥିବା ପଥର ଖାଦାନ ଅଞ୍ଚଳରେ ଏକ ପଥର ବୋଝେଇ ଡମ୍ପର ଏବଂ ପଥର ବୋଝେଇ କରୁଥିବା ଜେସିବିକୁ ଜବତ କରାଯାଇଛି। ଏଥିସହିତ ବେଆଇନ ପଥର ଉତ୍ତୋଳନ କରୁଥିବା ବାଗୁଡି ଗ୍ରାମର ବିଶ୍ୱଜିତ ସାହୁ, ଜେସିବି ଅପରେଟର ପପୁ ପ୍ରଧାନ ଏବଂ ସହଯୋଗୀ ବିକ୍ରମ ଟୁଡୁଙ୍କୁ ଧରି ସୋର ଥାନାରେ ଜିମା ଦେଇଥିଲେ। ସେହିପରି ଖାଦାନକୁ ପଥର ବୋଝେଇ ପାଇଁ ଯାଇଥିବା ୩ ଡମ୍ପର ଜବତ କରାଯିବା ସହିତ ସେମାନଙ୍କ ବିରୋଧରେ ଥାନାରେ ଅଭିଯୋଗ ହୋଇଛି। ସୋର ତହସିଲଦାର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ପକ୍ଷରୁ ମାମଲ (ନଂ.୫୮୬/୨୩) ରୁଜୁ କରାଯାଇ ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

## ପୁଣି ଉମେଶ ବିଜେଡିର ବ୍ଲକ ସଭାପତି

ଧାମନଗର,୧୪।୯ (ଦେବେନ୍ଦ୍ର ଆଡ଼ିଆ)-ଭଦ୍ରକ ଜିଲା ଧାମନଗର ବିଜେଡିର ନୂତନ କାର୍ଯ୍ୟକର୍ତ୍ତାଙ୍କ ନାମକୁ ଜିଲା ସଭାପତି ଜଗନ୍ନାଥ ସ୍ୱାଇଁ ଅନୁମୋଦନ କରିଛନ୍ତି। ଦ୍ୱିତୀୟ ଥର ପାଇଁ ଉମେଶ ଚନ୍ଦ୍ର ମହାନ୍ତି ଧାମନଗର ବ୍ଲକ ସଭାପତି ଭାବେ ମନୋନୀତ ହୋଇଛନ୍ତି। ଉପସଭାପତି ଭାବେ ଦୟାନିଧି ମିଶ୍ର, ତରଣି ଜେନା, ଅଶୋକ ମିଶ୍ର, ସୂର୍ଯ୍ୟକାନ୍ତ ନାୟକ, ଗଦାଧର ସାହୁ, ସାଧାରଣ ସମ୍ପାଦକ ଜଗବନ୍ଧୁ ପ୍ରଧାନ, ଧୀରେନ୍ଦ୍ର ନାୟକ, ରାଜେନ୍ଦ୍ର ପଲାଇ, କୁଳମଣି ବେହେରା, ବିରଜା ରାଉତ, ସୁରେନ୍ଦ୍ର ନନ୍ଦୀ, ପ୍ରଦୀପ କୁମାର ମହାପାତ୍ର, ସମ୍ପାଦକ ସରୋଜ ପାଣିଗ୍ରାହୀ, ସୁଧୀର ରଥ, ବିଶ୍ୱମ୍ଭର ଭାରତୀ, କାଳନ୍ଦୀ ମଲିକ, ପ୍ରଶାନ୍ତ ଦ୍ୱିବେଦୀ, ନିମାଇଁ ସାହୁ, ସୁନୀଲ ମହାନ୍ତି ଓ କୋଷାଧ୍ୟକ୍ଷ ଭାବେ ସନ୍ଦୀପ ସ୍ୱାଇଁ ମନୋନୀତ ହୋଇଛନ୍ତି। ଏଥିସହ ବ୍ଲକ ଅଧୀନ ୩୧ ପଞ୍ଚାୟତର ନୂତନ ସଭାପତିଙ୍କ ନାମ ମଧ୍ୟ ଘୋଷଣା କରାଯାଇଛି।

## ଡିଭାଇଡରକୁ ଧକ୍କା ଦେଲା ସ୍କର୍ପିଓ, ଚାଳକ ମୃତ



ପାଟଣା,୧୪।୯(ବୀର କିଶୋର ଦାଶ)

କେନ୍ଦୁଝର ଓ ମୟୂରଭଞ୍ଜ ଜିଲା ସୀମାନ୍ତ ୪୯ ନଂ. ଜାତୀୟ ରାଜପଥ ତୁରୁମୁଙ୍ଗା ବୈତରଣୀ ନଦୀ ପୋଲ ନିକଟରେ ଗୁରୁବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ସ୍କର୍ପିଓ ଭାରସାମ୍ୟ ହରାଇ ଡିଭାଇଡରକୁ ଧକ୍କା ଦେଇଛି। ଘଟଣା ସ୍ଥଳରେ ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ସ୍କର୍ପିଓ ଭାଙ୍ଗି ଚୂରମାର ହୋଇଯାଇଛି। ମୃତକ ଯାଜପୁର ଜିଲା କୁଆଖିଆ ଥାନା ଗୋପୀନାଥପୁର ଗ୍ରାମର ସେକ ଜୁଲ ଫିକ୍କର ଅଲ୍ଲୀ (୨୫) ବୋଲି ଜଣାପଡ଼ିଛି। ସେ ମୁର୍ଗାପାଟରେ ଏକ ହୋଟେଲ କରି ରହୁଥିଲେ। ଗୁରୁବାର ଯାଜପୁର ଯାଉଥିବା ସମୟରେ ଦୁର୍ଘଟଣା ଘଟିଥିଲା। ଘଟଣା ସ୍ଥଳରେ ଚଢ଼େଇଭୋଳ ଫାଣ୍ଡି ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରି ତଦନ୍ତ କରୁଛି। ଏ ନେଇ କରଞ୍ଜିଆ ଥାନାରେ ଏକ ମାମଲା(ନଂ.୨୭୫/୨୩) ରୁଜୁ ହୋଇଥିବା ଏଏସଆଇ ସଲଖାନ ମୁର୍ମୁ କହିଛନ୍ତି। କାରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ପ୍ରଧାନ ଶିକ୍ଷକ, ୨ କର୍ମଚାରୀଙ୍କ ଦରମା ବନ୍ଦ

କେନ୍ଦୁଝର,୧୪।୯ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର (ପିଏଆଇଟିଡିଏ) ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ତପନ କୁମାର ନାୟକ ଗୁରୁବାର ଅଚାନକ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ପରିଚାଳିତ ୨ ଆଶ୍ରମ ସ୍କୁଲ ପରିଦର୍ଶନ କରିଛନ୍ତି। କାର୍ଯ୍ୟରେ ଅବହେଳା ନେଇ ଜଣେ ପ୍ରଧାନ ଶିକ୍ଷକଙ୍କ ସମେତ ୩ ଜଣଙ୍କ ଦରମା ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାବ୍ୟତିତ ଜଣେ ପ୍ରଧାନ ଶିକ୍ଷକଙ୍କ ସମେତ ୩ ଜଣ କର୍ମଚାରୀଙ୍କୁ କାର୍ଯ୍ୟରେ ଅବହେଳା ପାଇଁ ଚେତାବନୀ ଦେଇଥିଲେ।

ପ୍ରଶାସକ ପ୍ରଥମେ ହରିଚନ୍ଦନପୁର ବ୍ଲକ୍ ଅନ୍ତର୍ଗତ ଖଜୁରିବାଣୀ ଆଶ୍ରମ ସ୍କୁଲ ପରିଦର୍ଶନ କରିଥିଲେ। ସେଠାରେ ହଷ୍ଟେଲ ପରିସର ସଫାସୁତୁରା ନଥିବା ବେଳେ ଅସ୍ୱାସ୍ଥ୍ୟକର ପରିବେଶରେ ଅନ୍ତେବାସୀ ରହୁଥିବା ଦେଖିଥିଲେ। ବିଦ୍ୟାଳୟର ସିସିଏ ବିଶ୍ୱନାଥ ମହାନ୍ତଙ୍କ ଦରମା ବନ୍ଦ ପାଇଁ ଜିଲା ମଙ୍ଗଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ସହିତ

### ଆଶ୍ରମ ସ୍କୁଲରେ ପିଏଆଇଟିଡିଏ

ପ୍ରଧାନଶିକ୍ଷକ ଲକ୍ଷ୍ମୀଧର ସାହୁ, ହଷ୍ଟେଲ ସହକାରୀ ପରିଚାଳକ ଏବଂ ଅନ୍ୟ ଜଣେ ସିସିଏଙ୍କୁ କାର୍ଯ୍ୟରେ ଅବହେଳା ପାଇଁ ଚେତାବନୀ ଦେଇଛନ୍ତି। ପୁନଃ ପରିଦର୍ଶନ ସମୟରେ ଅବ୍ୟବସ୍ଥା ପରିଲକ୍ଷିତ ହେଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦେଇଛନ୍ତି। ପରେ ହରିଚନ୍ଦନପୁର ବ୍ଲକ୍‌ର ଜଙ୍ଗିରା ଆଶ୍ରମ ସ୍କୁଲ ପରିଦର୍ଶନ କରିଥିଲେ। ସେଠାରେ ପ୍ରଧାନ ଶିକ୍ଷକ ମନୋରଞ୍ଜନ ପାତ୍ର ମଧ୍ୟାହ୍ନ ୧୧ଟା ୩୦ ପର୍ଯ୍ୟନ୍ତ ସ୍କୁଲ ଆସି ନ ଥିବା ଦେଖିଥିଲେ। ବିନା ଛୁଟି ଦରଖାସ୍ତରେ ସ୍କୁଲରେ ଅନୁପସ୍ଥିତ ଥିବାରୁ ତାଙ୍କର ଦରମା ବନ୍ଦ ପାଇଁ ଜିଲା ମଙ୍ଗଳ ଅଧିକାରୀ ପ୍ରବୀର କୁମାର ଦେଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଏହି ବିଦ୍ୟାଳୟର ପିଅନ ବିଦେଶୀ ମହାନ୍ତ ତାଙ୍କ କାର୍ଯ୍ୟ ଠିକ୍ ଭାବରେ କରୁ ନ ଥିବା ଦେଖି ତାଙ୍କର ଦରମା ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

## ୱାଟର ପ୍ଲାଣ୍ଟରେ ଖାଦ୍ୟ ନିରାପତ୍ତା ଟିମ୍‌ର ଚଢ଼ାଉ

ରୂପସା, ୧୪।୯( ବାଞ୍ଛାନିଧି ଦେ)

ବଜାରରେ ପ୍ୟାକିଂ ଓ ଷ୍ଟିକରିଂ ହୋଇ ବେଧଡକ ଭାବେ ବିକ୍ରି ହେଉଛି ବିଭିନ୍ନ କମ୍ପାନୀର ପାନୀୟ ଜଳ। ସମ୍ପ୍ରତି ସୌଖିନ ବଜାରରେ ପ୍ୟାକିଂ ପାଣି ବୋତଲ ଓ ପାଣି ପାଉଚ ସହିତ ରି-ଫିଲିଂ ଜାର୍ ବା ରି-ଫିଲିଂ ଡ୍ରମ ପାଣିର ବେଶ୍ ଚାହିଦା ରହିଛି। ତେବେ ଏହି ପ୍ୟାକିଂପାଣି ବା ରି-ଫିଲିଂ ଡ୍ରମ ପାଣି କେତେ ବିଶୁଦ୍ଧ ଓ ପିଇବା ଉପଯୋଗୀ ତାହାକୁ ନେଇ ଉଠିଛି ବଡ ପ୍ରଶ୍ନ।

ବାଲେଶର ଜିଲା ବସ୍ତା ବ୍ଲକ ତାଡ଼ଦା ପଞ୍ଚାୟତ ଅଧୀନ ଶାସନ ଗ୍ରାମରେ ଥିବା ପାନୀୟ ଜଳ ପ୍ରତିଷ୍ଠାନ ( ୱାଟର ପ୍ଲାଣ୍ଟ )ଉପରେ ଖାଦ୍ୟ ନିରାପତ୍ତା ଟିମ୍ ପକ୍ଷରୁ ଅଚାନକ ଚଢାଉ କରାଯାଇଛି। ଜିଲା ଖାଦ୍ୟ ନିରାପତ୍ତା ଅଧିକାରୀ ଅନୁଶ୍ରୀ ଖଟୁଆଙ୍କ ନେତୃତ୍ୱରେ ଜଳେଶ୍ୱର ଖାଦ୍ୟ ନିରାପତ୍ତା ଅଧିକାରୀ ଶଶିକାନ୍ତ ବେହେରା ଏବଂ



ଖାଦ୍ୟ ନିରାପତ୍ତା ଟିମ୍ ପକ୍ଷରୁ ଯାଞ୍ଚ କରାଯାଉଛି।

ଦୁଇ କର୍ମଚାରୀ ଏହି ଚଢାଉରେ ସାମିଲ ଥିଲେ। ଦୀର୍ଘ ଦିନ ହେବ ବେଆଇନ ଭାବେ ଉକ୍ତ ୱାଟାର ପ୍ଲାଣ୍ଟ ଚାଲି ଆସୁଥିଲା ବୋଲି ଅଭିଯୋଗ ହୋଇଥିଲା। ତେବେ ଲାଇସେନ୍ସ, ପ୍ୟୁରିଟି ରିପୋର୍ଟ, କେମିକାଲ ରିପୋର୍ଟ ସହିତ ଅନ୍ୟାନ୍ୟ ଆବଶ୍ୟକ ଡକ୍ୟୁମେଣ୍ଟ ନ ଥିବାରୁ ବିଭାଗ ପକ୍ଷରୁ ନୋଟିସ ଜାରି କରାଯିବା ସହ ପ୍ଲାଣ୍ଟକୁ ବନ୍ଦ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିରେ ପ୍ଲାଣ୍ଟ ମାଲିକ ଖିଲାପି କଲେ ପରବର୍ତ୍ତୀ ପର୍ଯ୍ୟାୟରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି।

## ଭଞ୍ଜସେନାର ବିକ୍ଷୋଭ

ଖୁଣ୍ଟା,୧୪।୯(ଦେବରଞ୍ଜନ ବେହେରା)

ମୟୂରଭଞ୍ଜ ଜିଲା ପ୍ରତି ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅବହେଳା ପ୍ରତିବାଦରେ ଖୁଣ୍ଟା ବ୍ଲକ ଭଞ୍ଜସେନା ପକ୍ଷରୁ ବିଭିନ୍ନ ପର୍ଯ୍ୟଟନ ସ୍ଥଳୀମାନଙ୍କରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଭଞ୍ଜସେନାର ଜିଲା ସଂଯୋଜକ ତଥା ଲକ୍ଷ୍ମଣାସାହିର ପୂର୍ବତନ ସରପଞ୍ଚ ଶିବଶଙ୍କର ସିଂଙ୍କ ନେତୃତ୍ୱରେ ସଂଗଠନର ଅନ୍ୟ ସଦସ୍ୟ ବ୍ଲକ ଅଧୀନ ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ଏକତ୍ରୀତ ହୋଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମୟୂରଭଞ୍ଜ ଜିଲା ପ୍ରତି ଅବହେଳା ପ୍ରଦର୍ଶନକୁ ବିରୋଧ କରିବା ସହ ବିଭିନ୍ନ ସ୍ଲୋଗାନମାନ ଦେଇଥିଲେ। ଏହିବିକ୍ଷୋଭ କାର୍ଯ୍ୟକ୍ରମରେ ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତରୁ ବହୁ ସଂଖ୍ୟକ ସଦସ୍ୟ ଯୋଗ ଦେଇଥିଲେ।

## ପୁଣି ଘର ଭାଙ୍ଗିଲେ ହାତୀପଲ

ପାଟଣା,୧୪।୯(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ରେଞ୍ଜରେ ଗତ କିଛି ଦିନ ହେବ ୨୨ ଟିକିଆ ଝଡ଼ଖଣ୍ଡି ହାତୀପଲ ଉପଦ୍ରବ କରୁଛନ୍ତି। ଏରେଣ୍ଡେଇ, ମଙ୍ଗଳପୁର, ପାଟଣାରେ ହାତୀପଲ ବ୍ୟପାକ ଧାନ, ବୋଇତାଳୁ ଫସଲ ନଷ୍ଟ କରିଛନ୍ତି। ବୁଧବାର ରାତିରେ ପୁଣି ହାତୀପଲ ବୈତରଣୀ ନଦୀ ପାର ହୋଇ କପୁଣ୍ଡି ବଣ ସାହି ନିକଟରେ ଡେରା ପକାଇଥିବା ବେଳେ ଆଖପାଖରେ ଥିବା ଧାନ ଫସଲ ଓ ବୋଇତାଳୁ ଚାଷ ନଷ୍ଟ କରିଛନ୍ତି। କପୁଣ୍ଡି ବଣସାହିରେ ପଶୀ ବାହାଦୁଲା ବଡ଼ାମଙ୍କ ଟିଣ ଛପର ଘର ଭାଙ୍ଗି ଧାନ ଚାଉଳ ଖାଇ ନଷ୍ଟ କରିଛନ୍ତି। କ୍ଷତିଗ୍ରସ୍ତ ଲୋକଙ୍କୁ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି। ହାତୀପଲ ଗୁରୁବାର ସନ୍ଧ୍ୟାରେ ପାଟଣା ରେଞ୍ଜ ସାହାରପଡ଼ା ସେକ୍ସନ ଜଗନ୍ନାଥପୁର ଗାଁ ନିକଟରେ ଡ଼େରା ପକାଇଥିବା ରେଞ୍ଜର ବନ ବିହାରୀ ସର୍ଦାର କହିଛନ୍ତି।

## ସମୂହ ଛୁଟିରେ ଶିକ୍ଷକ, ସ୍କୁଲରେ ଝୁଲିଲା ତାଲା

ଭଦ୍ରକ/ଚାନ୍ଦବାଲି/ ତିହିଡ଼ି/ ଭଣ୍ଡାରିପୋଖରୀ, ୧୪।୯ (କିଶାନ ପାତ୍ର/ସଞ୍ଜିତ ବଳ/ ରବିନାରାୟଣ ଖିଲାର)

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ନିଷ୍ପତ୍ତିକ୍ରମେ ଭଦ୍ରକ ଜିଲାର ଶିକ୍ଷୟିତ୍ରୀ ଶିକ୍ଷକ ସମୂହ ଛୁଟିରେ ରହିଥିବାରୁ ଗୁରୁବାର ବିଦ୍ୟାଳୟଗୁଡ଼ିକରେ ତାଲା ଝୁଲିଛି। ଭଦ୍ରକ ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ସଂଘ କର୍ମକର୍ତ୍ତା ଧାରଣାରେ ବସିଛନ୍ତି। ଚାନ୍ଦବାଲି ବ୍ଲକରେ ୨୪୫ଟି ସ୍କୁଲରେ ତାଲା ଝୁଲିଛି। ୯୩୦ ଶିକ୍ଷୟିତ୍ରୀ ଶିକ୍ଷକ ଛୁଟିରେ ରହିଥିବା ବେଳେ ୫ ଶହରୁ ଉର୍ଦ୍ଧ୍ୱ ଧାରଣାରେ ସାମିଲ ହୋଇଛନ୍ତି। ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନ ତୀବ୍ରତର ହେବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଶିକ୍ଷକ ନେତା ପ୍ରଫୁଲ୍ଲ ଦାସ, ପ୍ରଦୀପ ଦାଶ, ପ୍ରକାଶ ନାୟକଙ୍କ ନେତୃତ୍ୱରେ ଧାରଣା ଜାରି ରହିଛି। ତିହିଡ଼ି ବ୍ଲକରେ ୯ ଶହରୁ ଉର୍ଦ୍ଧ୍ୱ ପ୍ରାଥମିକ ଶିକ୍ଷକ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ୨୬୫ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍କୁଲରେ ତାଲା ଝୁଲୁଛି। ଗତ ଶୁକ୍ରବାରଠାରୁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସାମ୍ନାରେ ପ୍ରତୀକ ଧାରଣା ଦେଇଥିଲେ। ଦାବି ପୂରଣ ନ ହେବାରୁ ସେମାନେ ବାଧହୋଇ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିବା ସଂଘର ମୁଖପାତ୍ର ସନ୍ତୋଷ ପାଣିଗ୍ରାହୀ କହିଛନ୍ତି। ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ମାୟାଧର ସାହୁ, ସମ୍ପାଦକ ରମାକାନ୍ତ ଦାସ, ସଙ୍ଗଠନ ସମ୍ପାଦକ ଶ୍ରୀନାଥ ମଲିକ, ଗିରିଧାରୀ ଚାନ୍ଦ, ବଂଶୀଧର ଦାସ ପ୍ରମୁଖ ନେତୃତ୍ୱ ନେଇଛନ୍ତି। ଭଣ୍ଡାରିପୋଖରୀ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ୧୪୧ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ ଧାରଣା ଦେଇଛନ୍ତି। ବ୍ଲକ ଅଧୀନ ପ୍ରାୟ ୨୬ ସ୍କୁଲରେ ତାଲା ପଡ଼ିଛି। ଶିକ୍ଷକ ନେତା ପ୍ରସନ୍ନ ରଥ, ରଞ୍ଜନ ମହାନ୍ତି, ମୀନା ଜେନା, ବିମଳ ଦାସ ଓ ଶରତ ଥାଟୋଇଙ୍କ ନେତୃତ୍ୱରେ ଶିକ୍ଷକ ପୁଷ୍ପକ ଚନ୍ଦ୍ର ଭାରତୀ, ଉମାକାନ୍ତ ଜେନା, ପୟୋଧର ସାହୁ, ସନ୍ତୋଷ ଜେନା, ମାନସୀ ଲତା ଜେନା, ସୀତାକାନ୍ତ ମିଶ୍ର ପ୍ରମୁଖ ଧାରଣାରେ ସାମିଲ ହୋଇଛନ୍ତି। ବ୍ଲକ ଶିକ୍ଷାଧିକାରୀ ଅଧୀର ତରାଇ ସେମାନଙ୍କ ସହ ଆଲୋଚନା କରିଛନ୍ତି।

## ଶିକ୍ଷକ-ଅଭିଭାବକ ଓ ବୁଦ୍ଧିଜୀବୀ ସମ୍ମିଳନୀ

ବୈଶିଙ୍ଗା,୧୪।୯(ରତନ ଦାଶ)- ମୟୂରଭଞ୍ଜ ଜିଲା ବେତନଟୀଠାରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ, ବେତନଟୀ ଶାଖାର ବ୍ଲକସ୍ତରୀୟ ଶିକ୍ଷକ-ଅଭିଭାବକ ଓ ବୁଦ୍ଧିଜୀବୀମାନଙ୍କୁ ନେଇ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଧର୍ମଶାଳାଠାରେ ଅନୁଷ୍ଠିତ ସଭାରେ ବ୍ଲକ ସଂଘ ଉପସଭାପତି ଶିଶିର କୁମାର ନାୟକ ସଭାପତିତ୍ୱ କରିଥିଲେ। ସମ୍ପାଦକ ସୂର୍ଯ୍ୟାନନ୍ଦ ନାୟକ ସଭାର ଉଦ୍ଦେଶ୍ୟ ଜ୍ଞାପନ ସହ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବରିଷ୍ଠ ଖବରଦାତା ହରିଶ ଚନ୍ଦ୍ର ନନ୍ଦ ଗୋସାମୀ, ଅବସରପ୍ରାପ୍ତ ଶିକ୍ଷକ ଭାସ୍କର ଚନ୍ଦ୍ର ଦ୍ୱିବେଦୀ, ବରିଷ୍ଠ ନାଗରିକ ସଂଘର ସମ୍ପାଦକ ଜୟନ୍ତ କୁମାର ପଟ୍ଟନାୟକ, ସିଭିଲ ସୋସାଇଟି ଓ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସମ୍ପାଦକ ସଚ୍ଚିଦାନନ୍ଦ ମହାନ୍ତି, ଜିଲା ସାମ୍ବାଦିକ ସଂଘର ସଭାପତି ଅରୁଣ କୁମାର ଓତା, ପୂର୍ବତନ ଶିକ୍ଷକ ନେତା ବାସୁଦେବ ନାପିତ,ମୟୂର ସାହିତ୍ୟ ସଂସଦର ସମ୍ପାଦକ ଯତୀନ୍ଦ୍ର ନାଥ ସାହୁ, ଓଷ୍ଟା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କିଶୋର ଚନ୍ଦ୍ର ଆଚାର୍ଯ୍ୟ, ବାଙ୍ଗିରିପୋଷୀ ବ୍ଲକ ଓଷ୍ଟା ସମ୍ପାଦକ ବିକାଶ କୁମାର ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ବିଶେଷ ଭାବେ ବ୍ଲକଗ୍ରାଣ୍ଟ, ଅର୍ଦ୍ଧସାହାଯ୍ୟପ୍ରାପ୍ତ, ପୂର୍ଣ୍ଣ ସାହାଯ୍ୟପ୍ରାପ୍ତ, ସମ୍ପୂର୍ଣ୍ଣ ସରକାରୀ କିଛି ବିଦ୍ୟାଳୟକୁ ୫-ଟି ବାହାରେ ରଖିବା, ୫-ଟି ବିଦ୍ୟାଳୟରେ ଶିକ୍ଷକ ଅଭାବ ଯୋଗୁ ରାଜ୍ୟରେ ଶିକ୍ଷା କ୍ଷେତ୍ରରେ ଅବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। ସହ-ସମ୍ପାଦକ ନରହରି ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ପାଇପ୍ ବିଛାଇବା ନାଁରେ କଂକ୍ରିଟ ରାସ୍ତା ନଷ୍ଟ

ଖଇରା,୧୪।୯(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀ ପଥୁରିଆ ଅଞ୍ଚଳରେ ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟ ଚାଲୁଥିବା ବେଳେ ପାଇପ୍ ବିଛା କାମ ପାଇଁ କଂକ୍ରିଟ ରାସ୍ତା ନଷ୍ଟ କରାଯାଉଥିବା ଏବଂ ମାସ ମାସ ଧରି ମରାମତି କରାଯାଉ ନ ଥିବାରୁ ଅସନ୍ତୋଷ ବଢ଼ିବାରେ ଲାଗିଛି। କଇଥଗଡିଆ, ଗଡ଼ପୋଖରୀ, ରଟିଣା, ବାଉଁଶଗଡିଆ, ହରିପୁର, କୁପାରୀ ଆଦି ପଞ୍ଚାୟତର ବିଭିନ୍ନ ଗ୍ରାମ ସଂଯୋଗୀକରଣ ରାସ୍ତାଗୁଡ଼ିକ ବହୁ ପରିମାଣରେ ନଷ୍ଟ କରାଯାଉଛି। ନିକଟରେ କଇଥଗଡ଼ିଆ ପଞ୍ଚାୟତ ସାନ ନୂଆଗାଁର ପାଟଣାସାହିରେ ଏଭଳି ଭାବେ କଂକ୍ରିଟ ରାସ୍ତାକୁ ଖୋଳି ପାଇପ ବିଛାଇବା ପରେ ରାସ୍ତା ମରାମତି କରା ନ ଯାଇ ଛାଡ଼ି ଦିଆଯାଇଛି। ଯେଉଁଥିପାଇଁ ଏହି ସାହିର ଲୋକମାନଙ୍କ ଯିବା ଆସିବାରେ ଗୁରୁତର ସମସ୍ୟା ସୃଷ୍ଟି ହେବା ପରେ ପ୍ରତିବାଦର ସ୍ୱର ଉଠିଛି। ଠିକାଦାରୀ ସଂସ୍ଥା ଏଭଳି ଭାବେ ବେପରୁଆ କାମ ଜାରି ରହିଲେ ବାଧ ହୋଇ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଗ୍ରାମର ଅଜୟ ଜେନା, ସୃଜୟ ବିଶ୍ୱାଳ, ଜୟନ୍ତ ପାତ୍ର, ବଂଶୀଧର ରାଉଳ, ରମେଶ ପାତ୍ର, ମଧୁସୂଦନ ଓଝା, ସାନୁ ଜେନା ପ୍ରମୁଖ ଚେତାବନୀ ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ ଠିକାଦାର ୮ଦିନ ତଳେ ରାସ୍ତାକଡ଼ରେ ପାଣି ପାଇପ ନେବା ପରିବର୍ତ୍ତେ ରାସ୍ତା ମଝିକୁ ମେଶିନରେ ଖୋଳି ପାଇପ୍ ନେଇଥିଲେ।



ପାଟଣାସାହିକୁ ସଂଯୋଗୀକରଣ ରାସ୍ତାକୁ ଖୋଳି ପାଇପ ବିଛା କାର୍ଯ୍ୟ ସରିବା ପରେ ଛାଡ଼ି ଦିଆଯାଇଛି।

### ଗ୍ରାମ୍ୟ ପାନୀୟଜଳ ପରିମଳ ବିଭାଗର ବେପରୁଆ କାର୍ଯ୍ୟ

ବର୍ଷେ ତଳେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ରାସ୍ତାକୁ ଏଭଳି ବେପରୁଆ ଭାବେ ଖୋଳିବାକୁ ନେଇ ଗ୍ରାମବାସୀ ପ୍ରତିବାଦ ଜଣାଇଥିଲେ। ହେଲେ ସରପଞ୍ଚ ତାଙ୍କୁ କହିଛନ୍ତି ବୋଲି କହି ଜୋରଜବରଦସ୍ତ ରାସ୍ତା ଖୋଳିଥିଲେ। ଏ ସମ୍ପର୍କରେ ସେମାନେ ଅଧିକାରୀଙ୍କୁ ଜଣାଇବା ପରେ ମରାମତି କରିବାକୁ ପ୍ରତିଶ୍ରୁତି ମିଳିଥିଲା। ହେଲେ ୮ଦିନ ବିତିଯାଇଥିଲେ ହେଁ ଠିକାଦାର ମରାମତିର ନାଁ ଗନ୍ଧ ଧରୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏବେ ସମୂହ ଗ୍ରାମବାସୀ ଜିଲାପାଳଙ୍କୁ ଭେଟିବାକୁ ମଧ୍ୟ ନିଷ୍ପତ୍ତି ନେଇଥିବା ଜଣାଯାଇଛି। ଏ ସମ୍ପର୍କରେ କନିଷ୍ଠଯନ୍ତ୍ରୀଙ୍କୁ ପଚାରିବାରୁ ରାସ୍ତାକୁ ଠିକ୍ ଭାବେ ମରାମତି କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

balasoreselfie@gmail.com



@ପ୍ରସନ୍ନ



@ସ୍ନେହାଶ୍ରୀ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

## ବାଉଁଶ ପୋଲରେ ବିପଦପୂର୍ଣ୍ଣ ଯାତ୍ରା

କେନ୍ଦୁଝର,୧୪।୯(ନରେଶ ଚନ୍ଦ୍ର ପଟ୍ଟନାୟକ)

### ବର୍ଷାରେ ଧୋଇଯାଇଥିଲା ରାସ୍ତା

କେନ୍ଦୁଝର ସଦର ବ୍ଲକ୍ ଶିରିଶପାଳ ପଞ୍ଚାୟତ ସରାସ କାଳୀମନ୍ଦିର ନିକଟ ପୂର୍ଣ୍ଣଜଳ ସାହି ଲୋକଙ୍କ ଭରସା ପାଲଟିଛି ବାଉଁଶ ପୋଲ। ଗତ ଲଗଣା ବର୍ଷାରେ ଗାଁକୁ ସଂଯୋଗ ରାସ୍ତା ଧୋଇଯାଇଥିବା ବେଳେ ଅଭିଯୋଗ ପରେ ବି ମରାମତି କରାଯାଉନାହିଁ। ଫଳରେ ଗ୍ରାମବାସୀ ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଛନ୍ତି।

ସୂଚନା ଅନୁଯାୟୀ, ଅଗଷ୍ଟରେ ହୋଇଥିବା ଲଗାଣ ବର୍ଷାରେ ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ସାହି ରାସ୍ତା ଧୋଇଯାଇଥିଲା। ଫଳରେ ଉକ୍ତ ସାହିରେ ରହୁଥିବା ୧୫ ପରିବାର ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହୋଇଥିଲେ। ପ୍ରଶାସନ ତରଫରୁ ରାସ୍ତା ମରାମତି ବା ନୂତନ ରାସ୍ତା ନିର୍ମାଣ କରା ନ ଯିବାରୁ ସାହିଲୋକେ ଏକ ବାଉଁଶ ପୋଲ ନିର୍ମାଣ କରି ଅସୁରକ୍ଷିତ ଅବସ୍ଥାରେ ଯାତାୟାତ କରୁଛନ୍ତି। କେବଳ ପାଦଚଲା ଏବଂ ବାଇକ୍ ଯାଉଥିବାବେଳେ କାର କିମ୍ବା ଜରୁରିକାଳୀନ ଗାଡ଼ି ଯାଇ ପାରୁନାହିଁ। ସ୍ଥାନୀୟ ଅଧିବାସୀ ଏ ସମ୍ପର୍କରେ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ ଜଣାଇଥିଲେ ମଧ୍ୟ କୌଣସି



ବାଉଁଶ ପୋଲରେ ଲୋକେ ଯାଉଛନ୍ତି।

ପଦକ୍ଷେପ ନିଆଯାଇନାହିଁ। ଗାଁ କେନ୍ଦୁଝର ଜିଲା ମୁଖ୍ୟାଳୟଠାରୁ ମାତ୍ର ୫ କି.ମି. ଦୂରରେ ରହିଥିବା ବେଳେ ରାସ୍ତା ସମସ୍ୟା ଲୋକଙ୍କ ଚିନ୍ତା ବଢ଼ାଇଦେଇଛି। ଜିଲାପାଳ ତୁରନ୍ତ ଏହି ରାସ୍ତା ନିର୍ମାଣ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଉକ୍ତ ସାହିରେ ରହୁଥିବା ଲୋକମାନେ ଦାବି କରିଛନ୍ତି।

## ଶିକ୍ଷକ ଶଶିଶେଖର କରଶର୍ମାଙ୍କୁ ସମ୍ବର୍ଦ୍ଧନା



କେନ୍ଦୁଆପଦା ହାଇସ୍କୁଲର ଶିକ୍ଷକ ଶଶିଶେଖର କରଶର୍ମାଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ବନ୍ତ,୧୪।୯(ହରିନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ବ୍ଲକ କେନ୍ଦୁଆପଦା ହାଇସ୍କୁଲର ଆଦର୍ଶ ଶିକ୍ଷକ ଶଶିଶେଖର କରଶର୍ମା ଗୁରୁ ଦିବସ ଅବସରରେ ରାଷ୍ଟ୍ରପତିଙ୍କଠାରୁ ଜାତୀୟ ପୁରସ୍କାର ଗ୍ରହଣ କରିଥିଲେ। ରାଷ୍ଟ୍ରପତିଙ୍କଠାରୁ ସମ୍ମାନିତ ହେବା ପରେ ତାଙ୍କୁ ଶିକ୍ଷକ ସଂଘ, ବିଭିନ୍ନ ଅନୁଷ୍ଠାନ ଏବଂ ଗ୍ରାମବାସୀଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ବନ୍ତ ଅଞ୍ଚଳର ବିଶିଷ୍ଟ ସାମାଜିକ କର୍ମୀ ତଥା ନାଟ୍ୟକାର ଡ. ସୁଧାଂଶୁ ଶେଖର ନାୟକ ଓ ପୂର୍ବତନ ବ୍ଲକ ଅଧ୍ୟକ୍ଷା ରେବତୀ ନାୟକ କରଶର୍ମାଙ୍କୁ ଆମ୍ପୋରସ୍ଥିତ ବାସଭବନରେ ଭେଟି ପୁଷ୍ପଗୁଚ୍ଛ, ଉତ୍ତରୀୟ ଏବଂ ପ୍ରଶଂସାପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି। ଶିକ୍ଷକତା ସହ ବ୍ଲକ ବିଜ୍ଞାନ ସଂଯୋଜକ, ଇକୋ କ୍ଲବ ସଭାପତି, କେନ୍ଦୁଆପଦା ହାପି କ୍ଲବ ପରି ବହୁ ଅନୁଷ୍ଠାନର ପଦ ପଦବୀରେ ରହି ସେ ନିଜର ଦାୟିତ୍ୱକୁ ସୁଚାରୁ ରୂପେ ତୁଲାଇ ଆସୁଛନ୍ତି। ତାଙ୍କୁ ଏହି ଜାତୀୟ ପୁରସ୍କାର ବହୁ ଆଗରୁ ମିଳିବାର ଥିଲା ବୋଲି ନାଟ୍ୟକାର ନାୟକ ମତବ୍ୟକ୍ତ କରିଥିଲେ। ତେବେ ଏହିସମ୍ମାନ ତାଙ୍କୁ ଉତ୍ସାହିତ କରିଥିବା ବେଳେ ଆଗକୁ ବଢ଼ିବା ନେଇ ପ୍ରେରଣା ଯୋଗାଇବ ବୋଲି କରଶର୍ମା କହିଛନ୍ତି।

